**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
**ବୈଦେଶିକ ମୁଦ୍ରା ବିଭାଗ**
**କେନ୍ଦ୍ରୀୟ କାର୍ଯ୍ୟାଳୟ**
**ମୁମ୍ବାଇ-୪୦୦୦୦୧**

ଏ.ପି.(ଡ଼ିଆଇଆର ସିରିଜ୍) ପରିପତ୍ରନଂ .୧

**ଜୁଲାଇ ୨୭, ୨୦୦୧**

**ବୈଦେଶିକ ମୁଦ୍ରାର ସମସ୍ତ ପ୍ରାଧିକୃତ ଡ଼ିଲର**

ପ୍ରିୟ ମହାଶୟ,

**ଲଟେରୀ ଇତ୍ୟାଦି ଯୋଜନାରେ ଅଂଶଗ୍ରହଣ ପାଇଁ ବୈଦେଶିକ ମୁଦ୍ରା ପ୍ରେଷଣ**

ଏହା ରିଜର୍ଭ ବ୍ୟାଙ୍କର ଦୃଷ୍ଟିକୁ ଆସିଛି ଯେ, କେତେକ ବିଦେଶୀ ସଂସ୍ଥା ଭାରତବାସୀ ବ୍ୟକ୍ତି ବିଶେଷଙ୍କୁ ସେମାନେ ଲଟେରୀ ଜିନିଷ ଖବର ପ୍ରଦାନ କରି କିଛି ପରିମାଣର ଆମେରିକୀୟ ଡ଼ଲାର ସେମାନଙ୍କ ନିକଟକୁ ଦେୟ ହିସାବରେ ପ୍ରେରଣ କରିବାକୁ ଉପଦେଶ ଦେଉଛନ୍ତି ।

୨. ପ୍ରାଧିକୃତ ଡ଼ିଲର ମାନଙ୍କୁ ମେ ୩, ୨୦୦୦ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରିକରାଯାଇଥିବା ଅଧିସୂଚନା ଜି.ଏସ୍.ଆର. ୩୮୧ (ଇ)ର ଅନୁସୂଚୀ ୧ ଅନ୍ତର୍ଗତ ୩ୟ ଅନୁଚ୍ଛେଦ ଅନୁଧ୍ୟାନ କରିବା ପାଇଁ ଅନୁରୋଧ କରାଯାଉଅଛି । ଏହି ଅଧିସୂଚନା ଅନୁଯାୟୀ ଲଟେରୀ ଟିକେଟ୍ କିଣିବା ପାଇଁ ବିଦେଶକୁ ଅର୍ଥ ପ୍ରେଷଣ ବାରଣ କରାଯାଇଅଛି । ତେଣୁ ପ୍ରାଧିକୃତ ଡ଼ିଲର ମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ ସେମାନେ, ବୈଦେଶିକ ବିନିମୟ ପରିଚାଳନା ଅଧିନିୟମ, ୧୯୯୯ ଅନୁସାରେ ଲଟେରୀ ଇତ୍ୟାଦି ଯୋଜନାରେ କୌଣସି ପ୍ରକାର ଅଂଶଗ୍ରହଣ କରିବାକୁ ବାରଣ କରାଯାଇଥିବାର ସୂଚନା ଜନସାଧାରଣଙ୍କୁ ପ୍ରଦାନ କରିବେ । ଏହି ପ୍ରତିବନ୍ଧକ ଲଟେରୀ ଭଳି ଅନ୍ୟ ଯୋଜନା ଯଥା, ଅର୍ଥ ସଂଞ୍ଚାଳନ ଯୋଜନା, ପୁରସ୍କାର ରାଶି ପ୍ରାପ୍ତି ପାଇଁ ଅର୍ଥ ପ୍ରେଷଣ ଇତ୍ୟାଦି ଯୋଜନା ପାଇଁ ମଧ୍ୟ ଲାଗୁ ହେବ ।

୩. ଏହି ପରିପତ୍ରରେ ଥିବା ନିର୍ଦ୍ଦେଶାବଳୀ ବୈଦେଶିକ ବିନିୟମ ପରିଚାଳନା ଅଧିନିୟମ, ୧୯୯୯ର (୧୯୯୯ର ୪୨) ଅନୁଚ୍ଛେଦ ୧୦(୪) ଓ ୧୧(୧) ଅନୁଯାୟୀ ଜାରୀ କରାଯାଇଛି । ଏହି ନିୟମର କୌଣସି ପ୍ରକାର ଉଲଙ୍ଘନ ହେଲେ ଅଧିନିୟମ ଅନୁଯାୟୀ ଉଲଙ୍ଘନକାରୀଙ୍କୁ ଦଣ୍ଡ ବିଧାନ କରାଯାଇପାରେ ।

ଆପଣଙ୍କର ବିଶ୍ୱସ୍ତ
କେ.ଜେ.ଉଦେଶୀ
ମୁଖ୍ୟ ମହାପ୍ରବନ୍ଧକ